ଶେଷ ପୃଷ୍ଠା

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର | 1st February, 2026 Sunday | RNI Regd. No. ODIODI/2006/23033 | Postal Regd. No. : BN/169/13-15


### ବନ୍ଦ-ବନ୍ଦ ଆଉ ବନ୍ଦ

ବନ୍ଦକୁ ନେଇ ବ୍ୟତିବ୍ୟସ୍ତ ଜଣେ ବ୍ୟକ୍ତି ମନକୁ ମନ କହୁଥାନ୍ତି- କେବେ ଓଡ଼ିଶା ବନ୍ଦ ତ କେବେ ଭାରତ ବନ୍ଦ। ପୁଣି କେବେ ଦୋକାନ ବନ୍ଦ। ଆଉ କେବେ ଅଫିସ୍ ବନ୍ଦ। ଗାଡ଼ି ମୋଟର ବନ୍ଦ। ଚକ ବନ୍ଦ, ଅଖ ବନ୍ଦ। ଷ୍ଟେସନ୍ ବନ୍ଦ, ଦୋକାନ ବନ୍ଦ। ଯଦି ହିମ୍ମତ ଅଛି ତା'ହେଲେ ସ୍ୱାର ମୁହଁ ବନ୍ଦ କରି ଦେଖାଅ ଜାଣିବା ତମର ଦମ୍ ଅଛି।




# ମହଙ୍ଗା ହେବ ସିଗାରେଟ୍-ପାନ ମସଲା: ବଢ଼ିବ ଏକ୍ସାଇଜ ଡ୍ୟୁଟି !



**ନୂଆଦିଲ୍ଲୀ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଆସନ୍ତା କାଲି ଘୋଷଣା ହେବ ବଜେଟ୍ ୨୦୨୬-୨୭। ବଜେଟରେ କେନ୍ଦ୍ର ନରେନ୍ଦ୍ର ମୋଦି ସରକାର ରବିବାରଠାରୁ ସିଗାରେଟ୍, ତମାଖୁ ଉତ୍ପାଦ ଏବଂ ପାନ ମସଲା ଉପରେ ଏକ ନୂତନ ଟିକସ ବ୍ୟବସ୍ଥା କାର୍ଯ୍ୟକାରୀ କରିବେ, ଯାହାର ଲକ୍ଷ୍ୟ ଏହି ଉତ୍ପାଦଗୁଡ଼ିକ ଉପରେ କଠୋର ନିୟନ୍ତ୍ରଣ ରଖିବା ଏବଂ ଏହି 'ସିନ୍ ଗୁଡ଼ସ୍' ବା 'ପାପ ଉତ୍ପାଦ' ଉପରେ ଅଧିକ ଟିକସ ସ୍ତର ବଜାୟ ରଖିବା, ଯାହାକୁ ସାଧାରଣତଃ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ବୋଲି କୁହାଯାଏ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଅନୁସାରେ, ଏବେ ସିଗାରେଟ୍ ଏବଂ ଅନ୍ୟାନ୍ୟ ତମାଖୁ ଉତ୍ପାଦ ଉପରେ ଅତିରିକ୍ତ ଉତ୍ପାଦ ଶୁଳ୍କ ଲାଗୁ କରାଯିବ। ପାନ ମସଲା ଉପରେ ଏକ ନୂତନ ହେଲଥ୍ ସେସ୍ ଏବଂ ନ୍ୟାସନାଲ ସିକ୍ୟୁରିଟି ସେସ୍ ମଧ୍ୟ ଲାଗୁ କରାଯିବ।

ଏହି ନୂତନ ଟିକସ ବ୍ୟବସ୍ଥା ପୁରୁଣା ବ୍ୟବସ୍ଥାକୁ ବଦଳାଇବ, ଯେଉଁଥିରେ ଏହି ଉତ୍ପାଦଗୁଡ଼ିକ ଉପରେ ୨୮ ପ୍ରତିଶତ ଜିଏସଟି ଏବଂ କ୍ଷତିପୂରଣ ସେସ୍ ଲାଗୁ କରାଯାଉଥିଲା। ଏହି କ୍ଷତିପୂରଣ ସେସ୍ ଜୁଲାଇ ୨୦୨୭ରେ ଜିଏସଟି ଲାଗୁ ହେବା ପରଠାରୁ ଲାଗୁ ହୋଇଥିଲା। ସରକାର କିଛି ତମାଖୁ ଉତ୍ପାଦ, ଯେପରିକି ଚୋବାଇବା ତମାଖୁ, ଫିଲ୍ଟର ଖୈନି, ଜର୍ଦ୍ଦା ଏବଂ ଗୁଟଖା ପାଇଁ ଏକ ଏମ୍ଆରପି ଆଧାରିତ ମୂଲ୍ୟ ବ୍ୟବସ୍ଥା ମଧ୍ୟ ପ୍ରଚଳନ କରୁଛନ୍ତି, ଯେଉଁଠାରେ ଜିଏସଟି ଏବେ କାରଖାନା ମୂଲ୍ୟ ପରିବର୍ତ୍ତେ ପ୍ୟାକେଜରେ ମୁଦ୍ରିତ ଖୁଚୁରା ମୂଲ୍ୟ (ଏମ୍ଆରପି) ଆଧାରରେ ଗଣନା କରାଯିବ।

ସରକାର ଆଶା କରୁଛନ୍ତି ଯେ ଏହି ପଦକ୍ଷେପ ଟିକସ ଫାଙ୍କି ହ୍ରାସ କରିବ ଏବଂ ରାଜସ୍ୱ ବୃଦ୍ଧି କରିବ। ୧ ଫେବୃଆରୀରୁ, ପାନ ମସଲା ଉତ୍ପାଦନକାରୀ କମ୍ପାନୀଗୁଡ଼ିକୁ ନୂତନ ସ୍ୱାସ୍ଥ୍ୟ ଏବଂ ଜାତୀୟ ସୁରକ୍ଷା ସେସ୍ ଆଇନ ଅନୁଯାୟୀ ପୁନଃପଞ୍ଜୀକରଣ କରିବାକୁ ପଡିବ। ଏହି କମ୍ପାନୀଗୁଡ଼ିକୁ ସେମାନଙ୍କର କାରଖାନାରେ ସମସ୍ତ ପ୍ୟାକେଜିଂ ମେସିନ୍‌କୁ କଭର କରୁଥିବା ସିସି ଟିଭି କ୍ୟାମେରା ଇନଷ୍ଟଲ କରିବାକୁ ପଡିବ। ଏହି କ୍ୟାମେରାଗୁଡ଼ିକରୁ ରେକର୍ଡିଂଗୁଡ଼ିକୁ ଅତି କମରେ ଦୁଇ ବର୍ଷ ପାଇଁ ଷ୍ଟୋର ରଖିବାକୁ ପଡିବ। କମ୍ପାନୀଗୁଡ଼ିକୁ ସେମାନଙ୍କର କାରଖାନାରେ ସ୍ଥାପିତ ମେସିନ୍ ସଂଖ୍ୟା ଏବଂ ସେମାନଙ୍କର ଉତ୍ପାଦନ କ୍ଷମତା ବିଷୟରେ ସୂଚନା ଏକ୍ସାଇଜ୍ ଅଧିକାରୀମାନଙ୍କୁ ପ୍ରଦାନ କରିବାକୁ ପଡିବ। ଯଦି କୌଣସି ମେସିନ୍ କ୍ରମାଗତ ୧୫ ଦିନ ପାଇଁ କାର୍ଯ୍ୟରୁ ବାହାରେ ଥାଏ, ତେବେ ସେମାନେ ସେହି ସମୟ ପାଇଁ ଉତ୍ପାଦ ଶୁଳ୍କରୁ ଛାଡ଼ ପାଇବାକୁ ଯୋଗ୍ୟ ହେବେ।

# ଶେଷ ଟି-୨୦ରେ ନ୍ୟୁଜିଲାଣ୍ଡକୁ ୪୬ ରନରେ ହରାଇ ସିରିଜକୁ ୪-୧ ଜିତିଲା ଭାରତ




**ତିରୁଅନନ୍ତପୁର,୩୧।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନ୍ୟୁଜିଲାଣ୍ଡକୁ ଭାରତ ଟି୨୦ ଶୃଙ୍ଖଳାର ପଞ୍ଚମ ତଥା ଶେଷ ମୁକାବିଲାରେ ୪୬ ରନ୍‌ରେ ପରାସ୍ତ କରିଛି। ଏଥି ସହିତ ଭାରତ ଚଳିତ ଶୃଙ୍ଖଳାକୁ ୪-୧ରେ ବିଜୟ ହାସଲ କରିଛି। ତିରୁଅନନ୍ତପୁରମସ୍ଥିତ ଗ୍ରିନଫିଲ୍ଡ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଖେଳାଯାଇଥିବା ଏହି ମ୍ୟାଚରେ ନ୍ୟୁଜିଲାଣ୍ଡ ୧୯.୪ ଓଭରରେ ସମସ୍ତ ଓ୍ୱିକେଟ୍ ହରାଇ ୨୨୫ ରନ୍ କରିପାରିଛି। ଭାରତ ପକ୍ଷରୁ ଯୁବ ବୋଲର ଅର୍ଶଦୀପ ସିଂହ ସର୍ବାଧିକ ୫ଟି ଓ୍ୱିକେଟ୍ ଅକ୍ତିଆର କରିଛନ୍ତି।

ଭାରତ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ଇଶାନ କିଶନଙ୍କ ଶତକ ଏବଂ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ଅର୍ଦ୍ଧଶତକ ବଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୫ଟି ଓ୍ୱିକେଟ୍ ହରାଇ ୨୭୧ ରନ୍ ସଂଗ୍ରହ କରିଥିଲା। ଫଳରେ ନ୍ୟୁଜିଲାଣ୍ଡକୁ ଏହି ମ୍ୟାଚ୍ ଜିତିବା ପାଇଁ ୨୭୨ ରନର ଲକ୍ଷ୍ୟ ମିଳିଥିଲା ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ଇଶାନ କିଶନଙ୍କ ପ୍ରଥମ ଶତକ ଏବଂ ଅର୍ଶଦୀପ ସିଂହଙ୍କ ପ୍ରଥମ ୫ ଓ୍ୱିକେଟ୍ ସଫଳତା ବଳରେ ଭାରତ ଶନିବାର ନ୍ୟୁଜିଲାଣ୍ଡକୁ ୪୬ ରନ୍‌ରେ ପରାସ୍ତ କରି ୫ ମ୍ୟାଚ୍ ଟି-୨୦ ଶୃଙ୍ଖଳାକୁ ୪-୧ରେ ଜିତି ନେଇଛି। ଏଥି ସହିତ ବିଶ୍ୱକପ୍ ଆରମ୍ଭର ସପ୍ତାହକ ପୂର୍ବରୁ ଆତ୍ମବିଶ୍ୱାସକୁ ଉଚ୍ଚରେ ରଖିଛି।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ପଞ୍ଚମ ଓଭର ଭିତରେ ସଂଜୁ ସାମ୍ସନ୍ (୬) ଓ ଅଭିଷେକ ଶର୍ମା (୧୬ ବଲରୁ ୩୦ ରନ୍)ଙ୍କୁ ହରାଇଥିଲା। କିନ୍ତୁ ପୁଣି ଚୂଡ଼ାନ୍ତ ଏକାଦଶକୁ ଫେରିଥିବା ଇଶାନ କିଶନ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସହ ମିଶି ମାତ୍ର ୯.୩ ଓଭରରେ ୧୩୭ ରନ୍ ଯୋଡିଥିଲେ। ଇଶାନ ୨୮ ବଲ୍ରୁ ଏବଂ ସୂର୍ଯ୍ୟ ମାତ୍ର ୨୬ ବଲ୍ରୁ ଅର୍ଦ୍ଧଶତକ ପୂର୍ଣ୍ଣ କରିଥିଲେ। ଇଶ ସୋଢ଼ୀଙ୍କ ଗୋଟିଏ ଓଭରର ସମସ୍ତ ବଲକୁ ସୀମା ରେଖା ସେପାଖକୁ ପଠାଇ ଇଶାନ ୨୯ ରନ୍ (୧ଓ୍ୱାଇଡ୍, ୪,୪,୪,୬,୪,୬) ଆଦାୟ କରିଥିଲେ। ଶେଷକୁ ଇଶାନ ମାତ୍ର ୪୨ ବଲରୁ ଶତକ ପୂର୍ଣ୍ଣ କରି ତ୍ରିଭେନ୍ଦ୍ରମ ଦର୍ଶକଙ୍କୁ ବିମୋହିତ କରି ଦେଇଥିଲେ। ଭ୍ରମଣକାରୀ ଅଧିନାୟକ ମିଚେଲ୍ ସାଣ୍ଟନରଙ୍କୁ ଲଗାତାର ଛକା ମାରି ଶତକ ପୂର୍ଣ୍ଣ କରିବା ମଧ୍ୟ ନିଆରା ମାହୋଲ ଆଣି ଦେଇଥିଲା। ଇଶାନଙ୍କ ଏହି ୪୩ ବଲ୍ ୧୦୩ ରନ୍ ପାଳିରେ ୧୦ ଛକା ଓ ୬ ଚୌକା ସାମିଲ ଥିଲା। ସୂର୍ଯ୍ୟ ୩୭ ବଲ୍ରୁ ୬୩ ରନ୍ ଏବଂ ହାର୍ଦ୍ଦିକ ୩୦ ବଲ୍ରୁ ୪୩ ରନ୍ ସଂଗ୍ରହ କରିବାରୁ ଭାରତ ୨୭୧ ରନ୍‌ରେ ପହଞ୍ଚିଯାଇଥିଲା। ନବମ ଓଭର ସୁଦ୍ଧା ଭାରତ ୮୨/୨ରେ ଥିଲେ ମଧ୍ୟ ଶେଷ ୧୧ ଓଭରରୁ ୧୮୯ ରନ୍ ଯୋଡିଥିଲା ଏହି ତିନିଙ୍କ ଭୟଙ୍କର ବ୍ୟାଟିଂ କାରଣରୁ। ଭାରତ ପାଳିରେ ୨୩ ଛକା ମଧ୍ୟ ଘରୋଇ ଦଳ ପାଇଁ ଯୁଗ୍ମ ସର୍ବାଧିକ ହୋଇଥିଲା। ପାଳିର ୨୭୧ ରନ୍ କିନ୍ତୁ ଭାରତ ପାଇଁ ତୃତୀୟ ସର୍ବୋଚ୍ଚ ଟି-୨୦ ସ୍କୋର୍ ହୋଇଥିଲା।

ଜବାବରେ ନ୍ୟୁଜିଲାଣ୍ଡ୍ ମଧ୍ୟ ଧମାକାଦାର ଆରମ୍ଭ କରିଥିଲା। ନିଜ ପ୍ରଥମ ୨ ଓଭରରେ ୪୦ ରନ୍ ବ୍ୟୟ କରିଥିବା ଅର୍ଶଦୀପ ସିଂହ ତୃତୀୟ ଓଭରରେ ମାତ୍ର ଗୋଟିଏ ରନ୍ ଦେଇ ୨ ଓ୍ୱିକେଟ୍ ବାହାର କରିବା ମ୍ୟାଚ୍‌ରେ ମୋଡ ଆଣିଥିଲା। ଅକ୍ଷର ପଟେଲ୍ ବି କ୍ରମାଗତ ଓଭରରେ ୨ ଓ୍ୱିକେଟ୍ ବାହାର କରିବା ନିର୍ଣ୍ଣାୟକ ହୋଇଥିଲା। ଆଲେନ୍ ମାତ୍ର ୩୮ ବଲରୁ ୮୦ ରନ୍ କରିଥିବା ବେଳେ ଅକ୍ଷର ପଟେଲ ତାଙ୍କୁ ପ୍ୟାଭିଲିଅନ୍ ପଠାଇବା ପରେ ଭାରତ ଆସ୍ତେ ଆସ୍ତେ ମ୍ୟାଚକୁ ନିୟନ୍ତ୍ରଣକୁ ନେଇଥିଲା। ଅର୍ଶଦୀପ ତାଙ୍କ ଶେଷ ଓଭରରେ ୨ ଓ୍ୱିକେଟ୍ ଅକ୍ତିଆର କରି ପ୍ରଥମ ଥର ପାଇଁ ଟି-୨୦ ଅନ୍ତର୍ଜାତୀୟରେ ୫ ଓ୍ୱିକେଟ୍ ସଫଳତା ପାଇଥିଲେ। ପାଓ୍ୱାର ପ୍ଲେ' ଭିତରେ ୫୦ ଓ୍ୱିକେଟ୍ ନେବାରେ ସେ ମଧ୍ୟ ହୋଇଥିଲେ ପ୍ରଥମ ଭାରତୀୟ। ଅଭିଜ୍ଞ ଯଶପ୍ରୀତ୍ ବୁମ୍ରା ତାଙ୍କ ୪ ଓଭରରେ ୫୮ ରନ୍ ବ୍ୟୟ କରି ଓ୍ୱିକେଟ୍ ନ ପାଇବା ଏକମାତ୍ର ନିରାଶା ଆଣିଥିଲା।

ସଂକ୍ଷିପ୍ତ ସ୍କୋର: ଭାରତ ୨୦ ଓଭରରେ-୨୭୧/୫ (ଇଶାନ କିଶନ ୧୦୩, ସୂର୍ଯ୍ୟକୁମାର ଯାଦବ ୬୩, ହାର୍ଦ୍ଦିକ ପାଣ୍ଡ୍ୟା ୪୨, ଅଭିଷେକ ଶର୍ମା ୩୦, ଲୋକି ଫର୍ଗୁସନ୍-୨/୪୧)। ନ୍ୟୁଜିଲାଣ୍ଡ୍ ୧୯.୪ ଓଭରରେ ୨୨୫/୧୦ (ଫିନ୍ ଆଲେନ୍ ୮୦, ଇଶ ସୋଢ଼ୀ ୩୩, ରାଚିନ ରବୀନ୍ଦ୍ର ୩୦, ଡାରିଲ୍ ମିଚେଲ୍ ୨୬, ଅର୍ଶଦୀପ ସିଂହ-୫/୫୧, ଅକ୍ଷର ପଟେଲ୍-୩/୩୩, ରିଙ୍କୁ ସିଂହ-୧/୭, ବରୁଣ ଚକ୍ରବର୍ତ୍ତୀ-୧/୩୬)।

# ନିଆଁର ଆଁରେ ବର୍ଷକୁ ୪ହଜାର ହେକ୍ଟର ଜଙ୍ଗଲ ଉଜୁଡୁଛି

**ଭୁବନେଶ୍ୱର,୩୦।୧: ତଥ୍ୟ**

ନିଆଁ ଆଁରେ ବର୍ଷକୁ ୪ହଜାର ହେକ୍ଟରରୁ ଅଧିକ ଜଙ୍ଗଲ କ୍ଷତିଗ୍ରସ୍ତ ହେଉଛି। ଅନୁଗୁଳ, ବାରିପଦା, ବ୍ରହ୍ମପୁର, ଭବାନୀପାଟଣା, ଭୁବନେଶ୍ୱର, କୋରାପୁଟ, ରାଉରକେଲା ଓ ସମ୍ବଲପୁର ଜଙ୍ଗଲ ସର୍କଲରେ ଅଗ୍ନିବିତ୍ପାତରେ ଜଙ୍ଗଲ କ୍ଷତିଗ୍ରସ୍ତ ହେଉଛି।

ରାଜ୍ୟରେ ପ୍ରାୟ ୫୨ ହଜାର ହେକ୍ଟର ବର୍ଗ କିଲୋମିଟରର ଜଙ୍ଗଲ ରହିଥିବାବେଳେ ଗତବର୍ଷ ଗ୍ରୀଷ୍ମଋତୁରେ ଏଥିରୁ ସାଢେ ୪ହଜାର ହେକ୍ଟରରୁ ଅଧିକ ଜଙ୍ଗଲ ଅଗ୍ନିକାଣ୍ଡରେ କ୍ଷତିଗ୍ରସ୍ତ ହୋଇଛି। ଏହି ବର୍ଷ କୋରାପୁଟର ସର୍କଲର ନବରଙ୍ଗପୁର ବନଖଣ୍ଡରେ ୬୪୪ ହେକ୍ଟରରୁ ଅଧିକ ଜଙ୍ଗଲ ନିଆଁରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ଭବାନୀପାଟଣା ସର୍କଲର ଖରିଆର ଡିଭିଜନରେ ୪୬୦ ହେକ୍ଟରରୁ ଅଧିକ ଜଙ୍ଗଲ କ୍ଷତିଗ୍ରସ୍ତ ହୋଇଛି। ଫୁଲବାଣି ବନଖଣ୍ଡରେ ପାଖାପାଖି ୪ଶହ ହେକ୍ଟର ଜମି ନିଆଁରେ କ୍ଷତିଗ୍ରସ୍ତ ହୋଇଥିବାବେଳେ ରାଉରକେଲା ସର୍କଲର ସୁନ୍ଦରଗଡ ବନଖଣ୍ଡରେ ଇଲାକାରେ ୨୫୦ ହେକ୍ଟରରୁ ଅଧିକ ଜଙ୍ଗଲ ଜଳିଛି। ଜୟପୁର ଡିଭିଜନରେ ଏହା ୨ଶହ ହେକ୍ଟରରୁ ଅଧିକ ରହିଛି।

ନିଆଁରେ କ୍ଷତିଗ୍ରସ୍ତ ହେଉଥିବା ଜଙ୍ଗଲ ପ୍ରତିବଦଳରେ ନୂତନ ଜଙ୍ଗଲ ସୃଷ୍ଟି ପାଇଁ ବନୀକରଣ କାର୍ଯ୍ୟକ୍ରମ ଜାରି ରହିଛି। ସାରା ରାଜ୍ୟରେ ୨୦୨୪-୨୫ ବର୍ଷରେ ପାଖାପାଖି ୩୧ହଜାର ହେକ୍ଟର ଜଙ୍ଗଲ ଜମିରେ ପ୍ରାୟ ୨କୋଟି ଚାରା ରୋପଣ କରାଯାଇଥିଲା। ୨୦୨୫-୨୬ବର୍ଷରେ ପାଖାପାଖି ୨୬ହଜାର ହେକ୍ଟର ଜଙ୍ଗଲ ଜମିରେ ୨କୋଟି ୫ଲକ୍ଷରୁ ଅଧିକ ଚାରା ରୋପଣ ହୋଇଥିଲା।

ସରକାରୀ ସୂଚନା ଅନୁଯାୟୀ ୨୦୨୪-୨୫ ବର୍ଷରେ ରାଜ୍ୟରେ ୪୦୭୩ ହେକ୍ଟରରେ ସଘନ ବନୀକରଣ ହୋଇଥିବାବେଳେ ୨୬ହଜାର ହେକ୍ଟରରୁ ଅଧିକ ଉଜୁଡା ଜଙ୍ଗଲର ପୁନରୁଦ୍ଧାର କରାଯାଇଥିଲା। ୨୦୨୫-୨୬ ବର୍ଷରେ ସଘନ ବନୀକରଣ ହୋଇଥିବା ଜମିର ପରମାଣ ୨୮୮୩ ହେକ୍ଟର ହୋଇଥିବାବେଳେ ଏଠାରେ ୨୩ହଜାର ହେକ୍ଟର ଉଜୁଡା ଜଙ୍ଗଲର ପୁନରୁଦ୍ଧାର କରାଯାଇ ପାରିଥିଲା।

ରାଜ୍ୟର ବିଭିନ୍ନ ବନଖଣ୍ଡରେ ପ୍ରତିବର୍ଷ ଅଗ୍ନିବିତ୍ପାତ ପରିଲକ୍ଷିତ ହେଉଥିବାବେଳେ ଏହାକୁ ନିୟନ୍ତ୍ରଣ ପାଇଁ ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ବହୁବିଧ ପଦକ୍ଷେପ ଗ୍ରହଣ କରାଯାଉଛି। ଜଙ୍ଗଲ ନିକଟବର୍ତ୍ତୀ ଗାଁଗୁଡିକରେ ଲୋକଙ୍କୁ ସଚେତନ କରାଯିବା ସହିତ ଅଗ୍ନି ନିର୍ବାପନ ଲାଗି ସେମାନଙ୍କୁ ତାଲିମ ପ୍ରଦାନ କରାଯାଉଛି। ଏଥି ସହିତ ଜଙ୍ଗଲରେ ପଡୁଥିବା ଶୁଖିଲାପତ୍ରକୁ ତୁରନ୍ତ ସଂଗ୍ରହ କରାଯାଉଥିବାବେଳେ ନିଆଁ ଲିଭାଇବାପାଇଁ ଜଙ୍ଗଲ କର୍ମଚାରୀଙ୍କୁ ଅତ୍ୟାଧୁନିକ ସାଜ ସରଞ୍ଜାମ ଯୋଗାଇ ଦିଆଯାଉଛି। ଅଗ୍ନିକାଣ୍ଡ ଘଟୁଥିବା ଅଞ୍ଚଳକୁ ଚିହ୍ନଟ କରାଯିବା ସହିତ ଏହାର ନିକଟବର୍ତ୍ତୀ ସ୍ଥାନରେ ପାଣି ମହଜୁଦ ପାଇଁ ପଦକ୍ଷେପ ନିଆଯାଉଛି। କେତେକ ସ୍ଥାନରେ ଲୋକେ ଜଙ୍ଗଲରେ ନିଆଁ ଲଗାଇ ଦେଉଥିବାରୁ ସେମାନଙ୍କ ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଉଛି।

# ରାହୁଲଙ୍କୁ ଭେଟିବା ପରେ ଖୁସିରେ ଗଦ୍‌ଗଦ୍ ଶଶୀ



**ନୂଆଦିଲ୍ଲୀ,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ କରିବା ପରେ କଂଗ୍ରେସ ସହ ବିବାଦ ନେଇ ଯେଉଁ କଳ୍ପନା ଜଳ୍ପନା ଚାଲିଥିଲା ତା ଉପରେ ସେ ଫୁଲଷ୍ଟପ୍ ଲଗାଇଛନ୍ତି ଶଶି ଥରୁର। ବିଭିନ୍ନ ସମୟରେ ସେ କଂଗ୍ରେସ ମତକୁ ଅଣଦେଖା କରି ବିଜେପି ସମର୍ଥନରେ ମନ୍ତବ୍ୟ ଦେଉଥିଲେ। ସେ କଂଗ୍ରେସ ଛାଡ଼ିପାରନ୍ତି ବୋଲି ମଧ୍ୟ ଚର୍ଚ୍ଚା ହେଉଥିଲା। କିନ୍ତୁ ଥରୁରୁ ଶନିବାର ଥିରୁଅନନ୍ତପୁରମରେ ବଡ଼ ମନ୍ତବ୍ୟ ଦେଇଛନ୍ତି। ତାଙ୍କର କେବଳ ଗୋଟିଏ ଦଳ କଂଗ୍ରେସ ଏବଂ ସେ କେରଳ ନିର୍ବାଚନରେ ୟୁଡିଏଫ ପାଇଁ ପ୍ରଚାର କରିବେ ବୋଲି ଶଶି ଥରୁରୁ ସ୍ପଷ୍ଟ କରିଛନ୍ତି। ସେ ଗଣମାଧ୍ୟମକୁ ଏଭଳି ପ୍ରଶ୍ନ ପଚାରିବାକୁ ମନା ମଧ୍ୟ କରିଛନ୍ତି। ଏହା ପୂର୍ବରୁ ଶୁକ୍ରବାର ଥରୁର କହିଥିଲେ, ସେ କଂଗ୍ରେସ ଦଳରେ ରହିବେ। ଅନ୍ୟ କୌଣସି ଦଳକୁ ଯିବେ ନାହିଁ। କେରଳ ନିର୍ବାଚନରେ ପ୍ରଚାର କରିବେ। ୟୁଡିଏଫର ବିଜୟ ପାଇଁ କାମ କରିବେ। ଶଶି ଥରୁର ଗୁରୁବାର କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ଏବଂ ଦଳର ସାଂସଦ ରାହୁଲ ଗାନ୍ଧୀଙ୍କୁ ଭେଟିଥିଲେ। କେରଳ ବିଧାନସଭା ନିର୍ବାଚନ ପୂର୍ବରୁ ଶଶି ଥରୁରଙ୍କୁ ପୁଣି ଥରେ ଟ୍ରାକ୍‌କୁ ଫେରାଇ ଆଣିବା ଲାଗି ଏହି ବୈଠକ ହୋଇଥିଲା ବୋଲି କୁହାଯାଉଛି। ସାକ୍ଷାତ ଆଲୋଚନା କରେ ଶଶି ଥରୁର କହିଥିଲେ, ସବୁ ଠିକ୍ ଅଛି ଏବଂ ସମସ୍ତେ ଏକାଠି ଅଛନ୍ତି।

ସୂଚନାଯୋଗ୍ୟ, ଦୀର୍ଘ ଦିନ ଧରି ଚର୍ଚ୍ଚା ହେଉଥିଲା ଥରୁର କଂଗ୍ରେସ ପ୍ରତି ଅସନ୍ତୁଷ୍ଟ ଏବଂ ସେ ବିଜେପିରେ ଯୋଗ ଦେଇପାରନ୍ତି। କୋଚିରେ ଏକ କାର୍ଯ୍ୟକ୍ରମରେ ତାଙ୍କ ପ୍ରତି ହୋଇଥିବା ବ୍ୟବହାର ଏବଂ କିଛି ନେତାଙ୍କ ଦ୍ୱାରା ତାଙ୍କୁ ସାଇଡ୍ କରାଯିବା ପ୍ରୟାସକୁ ନେଇ ଥରୁର ଅସନ୍ତୁଷ୍ଟ ଥିଲେ। କିନ୍ତୁ ଏବେ ସମସ୍ତ ଅଭିଯୋଗର ସମାଧାନ ହୋଇଛି ଏବଂ ଥରୁର ସ୍ପଷ୍ଟ କରିଛନ୍ତି ଯେ, ସେ କଂଗ୍ରେସ ଛାଡୁନାହାନ୍ତି। ତାଙ୍କର ରାଜନୈତିକ କାର୍ଯ୍ୟକଳାପ ସଂପର୍କରେ ପୂର୍ବାନୁମାନ କରିବା ଭୁଲ ବୋଲି ଶଶି ଥରୁର କହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ, କଂଗ୍ରେସର ଶୀର୍ଷ ନେତୃତ୍ୱ ସହିତ ତାଙ୍କର ସମ୍ପର୍କ ବିଷୟରେ ହେଉଥିବା ଚର୍ଚ୍ଚା ସମ୍ପୂର୍ଣ୍ଣ ଭିତ୍ତିହୀନ। କଂଗ୍ରେସର ୩ ବଡ଼ ନେତାଙ୍କ ମଧ୍ୟରେ ହୋଇଥିବା ଏହି ବୈଠକ କେରଳ ବିଧାନସଭା ନିର୍ବାଚନ ଏବଂ କଂଗ୍ରେସ ଲାଗି ଗୁରୁତ୍ୱପୂର୍ଣ୍ଣ। କଂଗ୍ରେସ ଦଳ ଗତ ୧୦ ବର୍ଷ ଧରି ରାଜ୍ୟରେ ବିରୋଧୀ ଦଳରେ ରହିଛି ଏବଂ ଏଥର ଜିତିବା ପାଇଁ ସମସ୍ତ ପ୍ରକାରର ପ୍ରୟାସ କରୁଛି। କେରଳରେ ଶଶି ଥରୁର ଜଣେ ପ୍ରମୁଖ କଂଗ୍ରେସ ନେତା। ସେଠାରେ ତାଙ୍କର ଯଥେଷ୍ଟ ପ୍ରଭାବ ରହିଛି। ଫଳରେ ଥରୁରଙ୍କ ପରି ଜଣେ ପ୍ରମୁଖ ନେତା ବିଧାନସଭା ନିର୍ବାଚନ ପାଇଁ ସକ୍ରିୟ ଭାବରେ ପ୍ରଚାର କରିବା ଦଳ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

## ପ୍ରଥମ ପୃଷ୍ଠାରୁ...

### ରାଜ୍ୟରେ ନୂଆ...

ପ୍ୟାକ୍ସ, ସମବାୟ ସଂସ୍ଥା ଓ ସମବାୟ ବ୍ୟାଙ୍କଗୁଡିକୁ ସୁଦୃଢ଼ କରାଯିବା ସହ ଗ୍ରାମାଂଚଳରେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ଓ କୃଷି ପ୍ରକ୍ରିୟାକରଣକୁ ପ୍ରୋତ୍ସାହନ ଦିଆଯିବ। ଏହି ନୀତି 'ବିକଶିତ ଓଡିଶା-୨୦୩୬' ଓ 'ବିକଶିତ ଭାରତ-୨୦୪୭' ଲକ୍ଷ୍ୟ ହାସଲରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ।

ଅନ୍ୟପକ୍ଷରେ ରାଜ୍ୟରେ ବୈଜ୍ଞାନିକ ଗବେଷଣା ଓ ନବସୃଜନକୁ ଉତ୍ସାହିତ କରିବା ପାଇଁ 'ରାଜ୍ୟ ବିଜ୍ଞାନ ଓ ବୈଷୟିକ ପରିଷଦ' ଯୋଜନାକୁ ମଞ୍ଜୁରୀ ମିଳିଛି। ୨୦୨୫-୨୬ରୁ ୨୦୨୯-୩୦ ଆର୍ଥିକ ବର୍ଷ ପର୍ଯ୍ୟନ୍ତ ୫ବର୍ଷ ପାଇଁ ଏହି ଯୋଜନା କାର୍ଯ୍ୟକାରୀ ହେବ, ଯେଉଁଥିରେ ୨୫୪.୮୫ କୋଟି ଟଙ୍କା ବ୍ୟୟ କରାଯିବ। ଏହି ଯୋଜନା ଅଧୀନରେ ୧୪ଟି ଉପ ଯୋଜନା ରହିଛି, ଯାହା ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ବିଜ୍ଞାନରେ ଉଚ୍ଚଶିକ୍ଷା ଓ ଗବେଷଣା ପାଇଁ ପ୍ରୋତ୍ସାହିତ କରାଯିବା ସହ ଜିଲ୍ଲା ବିଜ୍ଞାନ କେନ୍ଦ୍ର ଓ ପ୍ଲାନେଟାରିୟମ୍ ମାଧ୍ୟମରେ ଜନସାଧାରଣଙ୍କ ମଧ୍ୟରେ ବୈଜ୍ଞାନିକ ମନୋଭାବ ସୃଷ୍ଟି କରାଯିବ।

ରାଜ୍ୟ ସରକାର ଭୁବନେଶ୍ୱରରୁ ଦୁବାଇ ଏବଂ ସିଙ୍ଗାପୁରକୁ ବିମାନ ଚଳାଚଳ ବଜାୟ ରଖିବା ପାଇଁ ଆର୍ଥିକ ସହାୟତା (ଭିଜିଏଫ) ପ୍ରଦାନ କରିବାକୁ ରାଜ୍ୟ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି। ଏଥିପାଇଁ ପ୍ରାୟ ୨୬.୮୭ କୋଟି ଟଙ୍କାର ବ୍ୟୟବରାଦ ପ୍ରସ୍ତାବିତ ହୋଇଛି। ତେବେ ବ୍ୟାଙ୍କକ୍ ଓ ଆବୁଧାବି ରୁଟ୍ ପାଇଁ ଏହି ସହାୟତାକୁ ପ୍ରତ୍ୟାହାର କରିନିଆଯାଇଛି। ଏହି ପଦକ୍ଷେପ ଫଳରେ ଭୁବନେଶ୍ୱରରୁ ଦୁବାଇ ଓ ସିଙ୍ଗାପୁରକୁ ସିଧାସଳଖ ବିମାନ ଯୋଗାଯୋଗ ବନ୍ଦ ହୋଇଯିବ ବୋଲି ଉପୁଜିଥିବା ଆଶଙ୍କାରେ ପୂର୍ଣ୍ଣଚ୍ଛେଦ ପଡିଛି।

ରାଜ୍ୟ ସରକାରୀ କର୍ମଚାରୀଙ୍କ ସ୍ୱାର୍ଥ ଓ ନିଯୁକ୍ତି ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବା ପାଇଁ ରାଜ୍ୟ କ୍ୟାବିନେଟ୍ କେତେକ ପଦକ୍ଷେପ ନେଇଛନ୍ତି। ରାଜ୍ୟର ଇଏସଆଇ ହସ୍ପିଟାଲ ଓ ଡିସପେନସାରିରେ କାର୍ଯ୍ୟରତ ନର୍ସିଂ କର୍ମଚାରୀଙ୍କ ପାଇଁ 'ଓଡିଶା କର୍ମଚାରୀ ରାଜ୍ୟ ବୀମା ଯୋଜନା ନର୍ସିଂ ସେବା ନିୟମ-୨୦୨୫' ପ୍ରଣୟନ କରାଯାଇଛି, ଯାହା ସେମାନଙ୍କ ନିଯୁକ୍ତି ଏବଂ ପଦୋନ୍ନତି ପ୍ରକ୍ରିୟାକୁ ସଠିକ୍ ଭାବେ ନିୟନ୍ତ୍ରିତ କରିବ।

ସେହିପରି ମିଳିତ ବୈଷୟିକ ସେବା ନିଯୁକ୍ତି ପରୀକ୍ଷା ନିୟମାବଳୀ-୨୦୨୨ରେ ସଂଶୋଧନ କରାଯାଇ ୧୦ଟି ନୂଆ ପଦବୀକୁ ସାମିଲ କରାଯାଇଛି ଏବଂ ଏଣିକି କ୍ୟାବିନେଟ୍ ବଦଳରେ ସରକାରଙ୍କ ଅନୁମୋଦନକ୍ରମେ ପଦବୀ ଓ ସିଲାବସ ଅନ୍ତର୍ଭୁକ୍ତ କରାଯାଇପାରିବ। ସେହିପରି ପୋଲିସ, ଅବକାରୀ ଓ ଜଙ୍ଗଲ ବିଭାଗ ଭଳି ୟୁନିଫର୍ମ ସେବାରେ ଚୟନ ପାଇଁ ଅଧ୍ୟକ୍ଷ ଓ ସଦସ୍ୟଙ୍କ ନିଯୁକ୍ତି ନିମନ୍ତେ ନୂତନ ନିୟମ-୨୦୨୬କୁ ମଞ୍ଜୁରୀ ମିଳିଥିବା ବେଳେ ଦିବ୍ୟାଙ୍ଗ ପ୍ରାର୍ଥୀମାନଙ୍କୁ ନ୍ୟାୟିକ ସେବାରେ ଅଧିକ ସୁଯୋଗ ପ୍ରଦାନ କରିବା ପାଇଁ ଓଡିଶା ଉଚ୍ଚତର ନ୍ୟାୟିକ ସେବା ଓ ନ୍ୟାୟିକ ସେବା ନିୟମାବଳୀ-୨୦୦୭ରେ ସଂଶୋଧନ ପାଇଁ ନିଷ୍ପତ୍ତି ନିଆଯାଇଛି।

ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ "ଓଡିଶା ସଂସ୍କୃତି ଉନ୍ନୟନ ସେବା ବର୍ଗ" ନାମକ ଏକ ନୂତନ ସେବା ବର୍ଗ ଗଠନ କରାଯାଇଛି। ଏହା ଜିଲ୍ଲା ସଂସ୍କୃତି ଅଧିକାରୀମାନଙ୍କୁ ପଦୋନ୍ନତିର ସୁବିଧା ପ୍ରଦାନ କରିବା ସହ ରାଜ୍ୟର ସାଂସ୍କୃତିକ ବିକାଶକୁ ତୃଣମୂଳ ସ୍ତରରେ ପହଂଚାଇବାରେ ସହାୟକ ହେବ। ଏସବୁ ବ୍ୟତୀତ ଖଣି ବିଭାଗର ଜଣେ ଅବସରପ୍ରାପ୍ତ ଡ୍ରିଲରଙ୍କ ନାମରେ ଥିବା ୮.୩୮ ଲକ୍ଷରୁ ଅଧିକ ଟଙ୍କାର ବକେୟା ଦେୟକୁ ଛାଡ କରିବା ପାଇଁ କ୍ୟାବିନେଟ୍ ମାନବିକ ନିଷ୍ପତ୍ତି ନେଇଛନ୍ତି।

ସେହିପରି ରାଜ୍ୟର କ୍ଷୁଦ୍ର ଜଳସେଚନ ପ୍ରକଳ୍ପଗୁଡିକର ରକ୍ଷଣାବେକ୍ଷଣ ପାଇଁ 'ଡାଇଭର୍ସନ୍ ଓ୍ୱେୟାର ସୁଧାର ଯୋଜନା'କୁ ଅନୁମୋଦନ କରାଯାଇଛି, ଯେଉଁଥିରେ ୨୦୨୫-୨୬ରୁ ୩ବର୍ଷ ମଧ୍ୟରେ ୩୬୨ କୋଟି ଟଙ୍କା ଖର୍ଚ୍ଚ ହେବ। ଏହାମାଧ୍ୟମରେ ରାଜ୍ୟର ପୁରାତନ ନଦୀବନ୍ଧ ଓ ବ୍ୟାରେଜଗୁଡିକର ମରାମତି କରାଯିବା ସହ କେନାଲରେ କ୍ରଙ୍କିଟ୍ ଲାଇନିଙ୍ଗ୍ ନିର୍ମାଣ କରାଯାଇ ଚାଷୀଙ୍କୁ ସୁବିଧାରେ ଜଳ ଯୋଗାଇ ଦିଆଯିବ। ଏଥିସହିତ ସପ୍ତଦଶ ଓଡିଶା ବିଧାନସଭାର ଷଷ୍ଠ ଅଧିବେଶନ ଫେବୃଆରୀ ୧୭ରୁ ଆହୂତ କରିବା ପାଇଁ ପିଛିଲା ଭାବେ କ୍ୟାବିନେଟ୍ ଅନୁମୋଦନ ଦେଇଛନ୍ତି।

### ୪ ବରିଷ୍ଠ ଆଇଏଏସଙ୍କୁ...

କେ. ମୁରୁଗେସନଙ୍କୁ ରାଜ୍ୟ ସରକାର ଆଜି ପ୍ରଧାନ ମୁଖ୍ୟ ବନ ସଂରକ୍ଷକ (ପିସିସିଏଫ) ଓ ବନ ବାହିନୀର ମୁଖ୍ୟ ଭାବେ ନିଯୁକ୍ତି ଦେଇଛନ୍ତି। ଜଙ୍ଗଲ ବିଭାଗର ସର୍ବୋଚ୍ଚ ପଦବୀରେ ଅବସ୍ଥାପିତ ହୋଇ ସେ ରାଜ୍ୟର ଜଙ୍ଗଲ ସୁରକ୍ଷା ଓ ବନ୍ୟପ୍ରାଣୀ ସଂରକ୍ଷଣ ସମ୍ବନ୍ଧୀୟ ସମସ୍ତ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ଭାଳିବେ।

୧୯୯୫ ବ୍ୟାଚର ବରିଷ୍ଠ ଆଇଏଏସ୍ ତଥା ଶ୍ରମ ଓ ରାଜ୍ୟ ଇଏସଆଇ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଚିତ୍ରା ଅରୁମୁଗମଙ୍କୁ ଗୋପବନ୍ଧୁ ପ୍ରଶାସନିକ ପ୍ରଶିକ୍ଷଣ ଏକାଡେମୀର ନିର୍ଦ୍ଦେଶକ ଜେନେରାଲ(ଡିଜି) ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି। ସେଠାରେ ଥିବା ବରିଷ୍ଠ ଆଇଏଏସ୍ ଜି. ମାଥିଭାଥାନନ୍ ଆଜି ସରକାରୀ ଚାକିରିରୁ ଅବସର ନେବା ପରେ ଏହି ଦାୟିତ୍ୱ ଚିତ୍ରାଙ୍କୁ ନ୍ୟସ୍ତ ହୋଇଛି। ଚିତ୍ରା ମଧ୍ୟ ଅତିରିକ୍ତ ଭାବେ ବିଜ୍ଞାନ ଓ ବୈଷୟିକ ବିଭାଗର ଅତିରିକ୍ତ ମୁଖ୍ୟ ସଚିବ ଦାୟିତ୍ୱ ତୁଲାଇବେ। ପରବର୍ତ୍ତୀ ନିର୍ଦ୍ଦେଶ ନମିଳିବା ପର୍ଯ୍ୟନ୍ତ ସେ ନିଜର ମୂଳ ଦାୟିତ୍ୱ ସହ ଏହି ଅତିରିକ୍ତ କାର୍ଯ୍ୟଭାର ତୁଲାଇବେ।

ରାଜ୍ୟ ସରକାର ୧୯୯୬ ବ୍ୟାଚର ୪ଜଣ ଆଇଏଏସ୍ ଅଫିସରଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ଦେଇଛନ୍ତି। ପୂର୍ବରୁ ଏହି ବ୍ୟାଚ ଆଇଏଏସ୍ ଅରବିନ୍ଦ ପାଢ଼ୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ମିଳିସାରିଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ସଚିବ ଶାଶ୍ୱତ ମିଶ୍ର, ଶକ୍ତି ସଚିବ ବିଶାଳ କୁମାର ଦେବ ଓ ନଗର ଉନ୍ନୟନ ସଚିବ ଉଷା ପାଢୀଙ୍କୁ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପଦୋନ୍ନତି ମିଳିଛି।

ସେହପରି କେନ୍ଦ୍ରୀୟ ଡେପୁଟେସନରେ ଥିବା ତାଙ୍କ ବ୍ୟାଚର ବୀରବିକ୍ରମ ଯାଦବଙ୍କୁ ମଧ୍ୟ ଅତିରିକ୍ତ ମୁଖ୍ୟ ସଚିବ ପାହ୍ୟାକୁ ପ୍ରୋଫର୍ମା ପଦୋନ୍ନତି ମିଳିଛି। ଏହି ସମସ୍ତ ପଦୋନ୍ନତି ଆସନ୍ତାକାଲିଠୁ ଅର୍ଥାତ୍ ଫେବୃଆରୀ ୧ରୁ କାର୍ଯ୍ୟକାରୀ ହେବ।

ଏହାବ୍ୟତୀତ, ଅନ୍ୟ ଏକ ବିଜ୍ଞପ୍ତିରେ ୨୦୧୨ ବ୍ୟାଚର ଆଇଏଏସ ଅଫିସର ସରୋଜ କୁମାର ସେଠୀଙ୍କୁ ଶିଳ୍ପ ବିଭାଗର ଅତିରିକ୍ତ ଶାସନ ସଚିବ ଭାବେ ନିଯୁକ୍ତି ମିଳିଛି। ସେ ଏବେ ଇଡକୋର ମୁଖ୍ୟ ଜେନେରାଲ ମ୍ୟାନେଜର (ଭୂମି) ଭାବେ କାର୍ଯ୍ୟ କରୁଛନ୍ତି। ତେବେ ସେ ନିଜର ଏହି ନୂଆ ଦାୟିତ୍ୱ ସହ ଅତିରିକ୍ତ ଭାବେ ଇଡକୋ ଦାୟିତ୍ୱ ମଧ୍ୟ ତୁଲାଇବେ ବୋଲି ଜଣାପଡିଛି।

### ପାଓ୍ୱାରଙ୍କ ପତ୍ନୀ...

ରାଜ୍ୟସଭାକୁ ନିର୍ବାଚିତ ହୋଇଥିଲେ। ଆଜି ଦଳୀୟ ବିଧାୟକମାନଙ୍କ ଏକ ବୈଠକରେ ରାଜ୍ୟ ସଭାପତି ସୁନୀଲ ତଟକରେ ଏକ ଶୋକ ପ୍ରସ୍ତାବ ଆଗତ କରିଥିଲେ। ଅଜିତ ପାଓ୍ୱାରଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଥିଲା। ଦିଲୀପ ଓ୍ୱାଲସେ ପାଟିଲ ସୁନେତ୍ରା ପାଓ୍ୱାରଙ୍କ ନାମ ପ୍ରସ୍ତାବ ଦେଇଥିଲେ। ଛଗନ ଭୁଜବଳ ଏହାକୁ ସମର୍ଥନ କରିଥିଲେ। ପରବର୍ତ୍ତୀ ସମୟରେ ଅନ୍ୟ ବିଧାୟକମାନେ ସୁନେତ୍ରାଙ୍କ ବିଧାୟକ ନେତା ଭାବରେ ସମର୍ଥନ କରିଥିଲେ।

ସୁନେତ୍ରା ପାଓ୍ୱାରଙ୍କୁ ଏନସିପି ବିଧାୟକ ଦଳର ନେତା ନିର୍ବାଚିତ କରାଯାଇଛି। ବୈଠକରେ ଦୁଇଟି ପ୍ରସ୍ତାବ ଆଗତ ହୋଇଥିଲା। ପ୍ରଥମ ପ୍ରସ୍ତାବରେ ସୁନେତ୍ରାଙ୍କୁ ଦଳୀୟ ନେତା ଭାବରେ ନିର୍ବାଚନ କରିବାକୁ କୁହାଯାଇଥିଲା। ଦ୍ୱିତୀୟ ପ୍ରସ୍ତାବରେ ସୁନେତ୍ରାଙ୍କ ସମସ୍ତ ଦଳୀୟ ନିଷ୍ପତ୍ତି ନେବାର ସାମ୍ବିଧାନିକ ଅଧିକାର ଉପରେ ଆଲୋଚନା କରାଯାଇଥିଲା। ବୈଠକରେ ଉଭୟ ପ୍ରସ୍ତାବକୁ ଅନୁମୋଦନ କରାଯାଇଛି। ସେପଟେ ଶରଦ ପାଓ୍ୱାର ଶନିବାର ସକାଳେ ଏକ ସାମ୍ବାଦିକ ସମ୍ମିଳନୀରେ ଏକ ଗୁରୁତ୍ୱପୂର୍ଣ୍ଣ ବିବୃତି ଦେଇଛନ୍ତି। ସେ କହିଛନ୍ତି ଯେ, ତାଙ୍କୁ ଶପଥ ଗ୍ରହଣ ଉତ୍ସବ ବିଷୟରେ କୌଣସି ସୂଚନା ନାହିଁ ଏବଂ ତାଙ୍କ ସହିତ କୌଣସି ଆଲୋଚନା ହୋଇନାହିଁ। ଶରଦ ପାଓ୍ୱାର ଏହି ସାମ୍ବାଦିକ ସମ୍ମିଳନୀରେ ଏହା ମଧ୍ୟ ଦାବି କରିଛନ୍ତି ଯେ, ଦୁଇ ରାଷ୍ଟ୍ରବାଦୀ ଦଳ ୧୨ ତାରିଖରେ ଏକାଠି ହେବେ।

### ଅଦାଲତ ଅବମାନନା...

ଚାକିରିରୁ ଜଣେ ପ୍ରାର୍ଥୀ ୫ବର୍ଷ ଧରି ମାମଲା ଲଢ଼ିବା ପରେ ହାଇକୋର୍ଟଙ୍କ ରାୟ ଆଧାରେ ୨୦୨୪ରେ ତାଙ୍କୁ ନିଯୁକ୍ତି ଦିଆଗଲା। ତେବେ ଏହି ମାମଲାରେ ହାଇକୋର୍ଟ କ୍ଷତିଗ୍ରସ୍ତ ପ୍ରାର୍ଥୀଙ୍କୁ ଲକ୍ଷେ ଟଙ୍କା ଦେବା ଲାଗି ଆଦେଶ କରିଥିଲେ ମଧ୍ୟ ଏଯାବତ୍ ତାହା ତାଙ୍କୁ ମିଳିନାହିଁ। ସେହିଭଳି ଅବସରର ୧୨ବର୍ଷ ପରେ ବି ନିୟମିତ ପେନ୍‌ସନ୍ ପାଇନଥିବା ଜଣେ ୭୦ ବର୍ଷ ବୟସ୍କା ଭିନ୍ନକ୍ଷମ ବୃଦ୍ଧାଙ୍କ ସଂପର୍କରେ ହାଇକୋର୍ଟଙ୍କ ନିର୍ଦ୍ଦେଶ ଏଯାବତ୍ ସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟକାରୀ କରିନାହାନ୍ତି। ଏଭଳି ଅଭିଯୋଗର ତାଲିକା ଢେର ଲମ୍ବା ଥିଲେ ମଧ୍ୟ ତଳ ସ୍ତରରେ ପ୍ରଶାସନିକ ନିଷ୍କ୍ରିୟତା ଯୋଗୁ ବର୍ଷକୁ ବର୍ଷ ସମସ୍ୟା ଉତ୍କଟତର ହେବାରେ ଲାଗିଛି।

### ନବୀନ ଥିବା ଯାଏ...

ସମର୍ଥନ ଦେଇଛନ୍ତି ସେମାନଙ୍କୁ ଅଶେଷ ଅଶେଷ ଧନ୍ୟବାଦ। ସୂଚନା ଥାଉକି, କଳିକେଶଙ୍କୁ ନେତୃତ୍ୱ ଦେବା ପାଇଁ ୨ ଦିନ ତଳେ ଚର୍ଚ୍ଚା ହେଉଥିଲା। କିଏ ହେବ ନବୀନ ପଟ୍ଟନାୟକଙ୍କ ଉତ୍ତରାଧିକାରୀ ବୋଲି ତର୍ଜମା ଚାଲିଥିଲା। ନେତୃତ୍ୱ ଦେବାକୁ ଦିବ୍ୟଶଙ୍କର ମିଶ୍ର ଓ ଦେବେଶ ଆଚାର୍ଯ୍ୟ ସୁପାରିସ କରିଥିଲେ। ତେବେ ନେତୃତ୍ୱ ପ୍ରସଙ୍ଗକୁ ନେଇ ବିଜେଡିରେ ବିବାଦ ଦେଖାଦେଇଥିଲା। ନେତା ହୋଇଥିଲେ ମୁହାଁମୁହିଁ। ଏବେ ସବୁ ପ୍ରଶ୍ନର ମିଳିଛି ଉତ୍ତର। କେହି ଆଉ ଉତ୍ତରାଧିକାରୀ ନୁହେଁ ବରଂ ନବୀନ ସର୍ବୋଚ୍ଚ ନେତା ବୋଲି ହୋଇଛି ସ୍ପଷ୍ଟ।

### ଏଥର ଖାଇହେବ...

ଦିଆଯାଇଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସ୍ପଷ୍ଟ କରିଛି ଯେ, ଯେଉଁ ପାନ ମସଲାରେ ତମାଖୁ କିମ୍ବା ନିକୋଟିନ୍ ନାହିଁ, ତାହା ଗତ ୨୧ ତାରିଖର ବିଜ୍ଞପ୍ତି ସଂଖ୍ୟା ୨୦୬୫ ଅନୁଯାୟୀ ଲାଗୁ କରାଯାଇଥିବା ନିଷେଧାଦେଶ ଅଧୀନରେ ଆସୁନାହିଁ। ସିଟି ଜିଏସ୍‌ଟି ଏବଂ ଅର୍ଥ ବିଭାଗକୁ ସ୍ୱାସ୍ଥ୍ୟ ସଚିବ ଚିଠି ଲେଖିଛନ୍ତି। ଏହାର ଅର୍ଥ ହେଉଛି, ସରକାରଙ୍କ ଦ୍ୱାରା ନିକଟରେ ଜାରି ହୋଇଥିବା ପ୍ରତିବନ୍ଧକ କେବଳ ତମାଖୁ ବା ନିକୋଟିନ୍ ମିଶ୍ରିତ ପାନ ମସଲା ପାଇଁ ଲାଗୁ ହେବ। ସାଧାରଣ (ତମାଖୁ ବିହୀନ) ପାନ ମସଲା ଉପରେ ଏହି ନିଷେଧାଦେଶ ଲାଗୁ ହେବ ନାହିଁ। ଯାହାଫଳରେ ଏଥର ପାନ ମସଲା ଖାଇହେବ।

### ମୃତ୍ୟୁର ୧୩...

ସେ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦି କ୍ଷମା ମାଗିବେ କି ? ଅଜିତଙ୍କ ନାମରେ ୭୦ ହଜାର କୋଟି ଟଙ୍କାର ଦୁର୍ନୀତି ଅଭିଯୋଗ ରହିଛି। ପ୍ରଧାନମନ୍ତ୍ରୀ କୁହନ୍ତୁ ସେ ଅଭିଯୋଗ ଏବେ ବି ଅଛି କି ? ନଚେତ୍ କ୍ଷମା ମାଗନ୍ତୁ। ସୁନେତ୍ରା ପାଓ୍ୱାର ଉପମୁଖ୍ୟମନ୍ତ୍ରୀ ପଦରେ ଶପଥ ନେବାକୁ ନେଇ ଉଦିତ୍ କହିଛନ୍ତି, ଯଦି ଶପଥ ନେଉଛନ୍ତି ତେବେ ଭିତରେ କିଛି ନା କିଛି ଅଛି। ଏହା ଦେଖିବାକୁ ବାକି ରହିଲା ଶରଦଙ୍କ ଏନସିପି କେଉଁ ଦିଗକୁ ଯାଉଛି।

### ମହୋଦଧିରେ...

ପାଇଁ ହସ୍ପିଟାଲକୁ ପଠାଇଥିଲେ। କିନ୍ତୁ ହସ୍ପିଟାଲରେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଚକ୍ରତୀର୍ଥ ବେଳାଭୂମି ପଟେ ଲାଇଫ ଗାର୍ଡ ମୁତୟନ ହୋଇ ନଥିବାରୁ ପ୍ରତି ସମୟରେ ଏଭଳି ଅଘଟଣ ଘଟୁଛି। ତୁରନ୍ତ ଜିଲ୍ଲା ପ୍ରଶାସନ ଏ ଦିଗରେ ଧ୍ୟାନ ଦେବାର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି।

### ୧୮ ମାସରେ ବିଜେପି...

ବାସ୍ତବ ସ୍ଥିତି ଓ୍ୱାର୍ଲଡ ବ୍ୟାଙ୍କ ଆଗରେ ରଖିଛନ୍ତି କି ସରକାର ? ଆର୍ଥିକ ନିବେଶ ରାଜ୍ୟରେ ପ୍ରତିକୂଳ ଅବସ୍ଥାରେ ଅଛି। ମୁଖ୍ୟମନ୍ତ୍ରୀ କି ସିଏମ୍‌ଓ ନୈତିକ ଦାୟିତ୍ୱ ଯଦି ଅଛି, ମାନନ୍ତୁ ଯେ ଋଣ ନେବାକୁ ଓ୍ୱାର୍ଲଡ ବ୍ୟାଙ୍କ ସଭାପତିଙ୍କୁ ଭେଟିଛନ୍ତି।

# ଗାଡ଼ି ଚୋରକୁ ୧୦ ବର୍ଷ ଜେଲ

**ଭୁବନେଶ୍ୱର,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଗାଡ଼ି ଚୋରକୁ ୧୦ ବର୍ଷ ଜେଲ ସହିତ ଲକ୍ଷେ ଟଙ୍କା ଜରିମାନା। ବି.ଏନ୍‌ଏସ୍ ଲାଗୁ ହେବା ପରେ ସଙ୍ଗଠିତ ଅପରାଧ କ୍ଷେତ୍ରରେ ପ୍ରଥମଥର ଅଭିଯୁକ୍ତ ବିରୋଧରେ ଦଣ୍ଡବିଧାନ ଶୁଣାଇଛନ୍ତି ଭୁବନେଶ୍ୱର ୨ୟ ଦୌରାଜଜ ବନ୍ଦନା କର। ୨୦୨୫ ମସିହା ୧୬ ଜୁନରେ ବାଇକ ଚୋର ଦୀପକ କୁମାର ସାହୁକୁ ଗିରଫ କରିଥିଲା ଲିଙ୍ଗରାଜ ଥାନା ପୋଲିସ। ଏହାପରେ ପୋଲିସ ଅଭିଯୁକ୍ତ ବିରୋଧରେ ଥିବା ସମସ୍ତ ତଥ୍ୟ ଯୋଗାଡ଼ କରି କୋର୍ଟରେ ହାଜର କରିଥିଲା ପୋଲିସ। କମିଶନରେଟ୍ ପୋଲିସର ବିଭିନ୍ନ ଥାନାରେ ଅଭିଯୁକ୍ତ ନାଁରେ ୨୮ଟି ମାମଲା ରହିଛି। ତେବେ ଦୀର୍ଘ ଦିନର ଶୁଣାଣି ପରେ ଶନିବାର ଦିନ ମାନ୍ୟବର କୋର୍ଟ ରାୟ ଶୁଣାଇଛନ୍ତି। ଅଭିଯୁକ୍ତ ଦୀପକକୁ ୧୦ ବର୍ଷ ଜେଲ୍ ସହ ଏକ ଲକ୍ଷ ଟଙ୍କାର ଜରିମାନା ନିର୍ଦ୍ଦେଶ ଦେଇଛନ୍ତି ମାନ୍ୟବର କୋର୍ଟ। ଜରିମାନା ଅନାଦେୟ ହେଲେ ଆଉ ଏକ ବର୍ଷ ଜେଲ ଦଣ୍ଡ। ୫ ଜଣ ସାକ୍ଷୀ ଓ ପ୍ରମାଣ ଆଧାରରେ ରାୟ ଶୁଣାଇଛନ୍ତି କୋର୍ଟ।

# ଟ୍ରାଙ୍କୁଲାଇଜ୍ ହୋଇପାରୁନି ମାଙ୍କଡ଼: ଡାକ୍ତରଖାନାରେ ୫ ଆହତ

**ଆଠଗଡ଼,୩୧।୧: ଏକ୍ସପ୍ରେସ୍ ନ୍ୟୁଜ୍**

ଥମୁନି ମାଙ୍କଡ଼ ଦୌରାତ୍ମ୍ୟ। ଚତୁର୍ଥ ଦିନରେ ଟ୍ରାଙ୍କୁଲାଇଜ୍ କରିବାରେ ବିଫଳ ବନ ବିଭାଗ। କଟକ ତିଗିରିଆ ଥାନା ଅନ୍ତର୍ଗତ ବଡନାଉପୁଟ ପଞ୍ଚାୟତ ଅଞ୍ଚଳରେ ମାଙ୍କଡ଼ ଦୌରାତ୍ମ୍ୟରେ ଅତିଷ୍ଠ ହୋଇ ପଡିଲେଣି ଗ୍ରାମବାସୀ। ଗାଁ ସାରା ଘୁରିବୁଲି ଜଣଙ୍କ ପରେ ଜଣଙ୍କୁ ଆକ୍ରମଣ କରି ରକ୍ତାକ୍ତ କରୁଛି। ଏହି ମାଙ୍କଡକୁ ତୁରନ୍ତ ଅଞ୍ଚଳରୁ ଘଉଡାଇବା ପାଇଁ ଦାବି ହେବା ପରେ ବନ ବିଭାଗ ପକ୍ଷରୁ ଚତୁର୍ଥ ଥର ଉଦ୍ୟମ କରାଯାଇଥିଲା। କିନ୍ତୁ ବନ କର୍ମଚାରୀ ମାଙ୍କଡଟିକୁ କାବୁ କରିବାରେ ବିଫଳ ହୋଇଛନ୍ତି। ସ୍ଥାନୀୟ ଅଞ୍ଚଳରେ କିଛି ଦିନ ଦିନ ଧରି ମାଙ୍କଡ଼ ଦୌରାତ୍ମ୍ୟ ବଢିବାରେ ଲାଗିଛି। ମାଙ୍କଡ ଆକ୍ରମଣରେ ଖଣ୍ଡହେତା ଏବଂ ବଉଳାଙ୍ଗ ଗ୍ରାମର ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ଏହା ବ୍ୟତୀତ ଲୋକଙ୍କ ଘରେ ପଶି ଆସବାବପତ୍ର ସହିତ ଖାଦ୍ୟ ସାମଗ୍ରୀ ନଷ୍ଟ କରୁଛି। ମାଙ୍କଡ଼ ଆକ୍ରମଣ ବଢି ଚାଲିଥିବାରୁ ଗ୍ରାମବାସୀଙ୍କ ପକ୍ଷରୁ ମାଙ୍କଡ଼କୁ ଧରିବାକୁ ଚେଷ୍ଟା କରାଯାଉଛି। ଆଉ କୌଣସି ଅଘଟଣ ଘଟିବା ପୂର୍ବରୁ ଉକ୍ତ ମାଙ୍କଡ଼କୁ ବନ ବିଭାଗ କାବୁ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।


Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das   ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ   Chief Editor : Umapada Bose   ମୁଖ୍ୟ ସମ୍ପାଦକ : ଉମାପଦ ବୋଷ